# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**4 November - 2024**

**News Editor : Itishree Singh Rathur**

*****************************************

## ମୁଖ୍ୟ ସମ୍ବାଦ

- ପ୍ରାଥମିକ ଆକଳନ ଅନୁସାରେ ବାତ୍ୟା 'ଦାନା' ଯୋଗୁଁ ୬୦୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ; ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ

- କେନ୍ଦ୍ରୀୟ ହିନ୍ଦୀ ସମିତି ବୈଠକରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଲ୍ଲୀ ଗସ୍ତ

- ଶୁକ୍ଳପକ୍ଷ ତୃତୀୟ ସୋମବାରରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ରାଧା ଦାମୋଦର ଏବଂ ହରିହର ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

ଏବଂ

- ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଆସନ୍ତାକାଲି ଏକ ଘୂର୍ଣ୍ଣିବଳୟ ସୃଷ୍ଟିର ସମ୍ଭାବନା ରହିଛି ସୂଚନା ଦେଲା ପାଣିପାଗ ବିଭାଗ

***Desk***

## ବାତ୍ୟା ଦାନା କ୍ଷୟକ୍ଷତି ଆକଳନ

ସାମୁଦ୍ରିକ ଝଡ଼ 'ଦାନା' ଯୋଗୁଁ ପ୍ରାଥମିକ ଆକଳନ ଅନୁସାରେ ୬୦୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବାତ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏ ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି...

**- V/O –**

***Desk***

## ମୁଖ୍ୟମନ୍ତ୍ରୀ-ନୂଆଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀ ଗସ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା କେନ୍ଦ୍ରୀୟ ହିନ୍ଦୀ ସମିତି ବୈଠକରେ ଶ୍ରୀ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ହିନ୍ଦି ଭାଷାର ପ୍ରଚାର, ପ୍ରସାର ନେଇ ଏହି ବୈଠକରେ ବିଶଦ ଆଲୋଚନା କରାଯିବ। ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

## ସ୍ପେଶାଲ୍ ଟ୍ରେନ୍

ଛଟ୍ ପର୍ବକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କ ସୁବିଧା ଏବଂ ସହଜ ଯାତ୍ରା ନିମନ୍ତେ ରେଳ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ରେଳ ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଛି । ଭିଡ଼ ମୁକାବିଲା ପାଇଁ ୧୮୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଯାଉଥିବା ବେଳେ ୨୫ଟି ପୂଜା ସ୍ୱତନ୍ତ୍ର ଟ୍ରେନ୍ ଦିଲ୍ଲୀର ବିଭିନ୍ନ ଅଞ୍ଚଳରୁ ସାରା ଦେଶକୁ ଚଳାଚଳ କରୁଛି । ସୂଚନା ଅନୁଯାୟୀ ସହରସା, ବାରଣାସୀ, ଅଯୋଧ୍ୟା, ଲକ୍ଷ୍ନୌ, ପାଟ୍ନା, ମୁଜାଫରପୁର, ଗୋରଖପୁର, ପ୍ରୟାଗରାଜ, ଦରଭଙ୍ଗା, ଇନ୍ଦୋର ଏବଂ ତିରୁଅନନ୍ତପୁରମ୍‌କୁ ଟ୍ରେନ୍ ଚଳାଚଳ କରୁଛି ।

ଉତ୍ତର ରେଳବାଇର ମୁଖ୍ୟ ଜନସଂପର୍କ ଅଧିକାରୀ ହିମାଂଶୁ ଶେଖର ଉପାଧ୍ୟାୟ କହିଛନ୍ତି, ରେଳବାଇ ନିୟମିତ ଟ୍ରେନ୍ ବ୍ୟତୀତ ବିଶେଷ ପୂଜା ଟ୍ରେନ୍ ଚଳାଇବାକୁ ବ୍ୟବସ୍ଥା କରିଛି । ସେ କହିଛନ୍ତି ଛଟ୍ ପର୍ବ ପାଳନ କରୁଥିବା ଯାତ୍ରୀମାନଙ୍କ ସହଜ ଯାତ୍ରା ନିମନ୍ତେ ଆବଶ୍ୟକ ସଂଖ୍ୟକ ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ରେଳ ବୋର୍ଡ ଅଧ୍ୟକ୍ଷ ସତୀଶ କୁମାର ଗତକାଲି ରାତିରେ ଦିଲ୍ଲୀ ରେଳଷ୍ଟେସନ ପରିଦର୍ଶନ କରି ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ବ୍ୟବସ୍ଥା ଓ ସୁବିଧାର ତଦାରଖ କରିଥିଲେ ।

***HS***

## ଅଭିଯୋଗ ଶୁଣାଣି

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭବାନୀପାଟଣାଠାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକମାନଙ୍କ ଅଭିଯୋଗର ଶୁଣାଣି କରିଛନ୍ତି ।

ଶୁଣାଣି ବେଳେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଉପସ୍ଥିତ ଥିଲେ। ଭାରତୀୟ ଜନତା ପାର୍ଟିର ସ୍ଥାନୀୟ ନେତୃବୃନ୍ଦଙ୍କ ସାକ୍ଷାତ କରି ବିଭିନ୍ନ ଦଳୀୟ ପ୍ରସଙ୍ଗରେ ଶ୍ରୀ ଗଣ୍ଡ ଆଲୋଚନା କରିଥିବା ଜଣାଯାଇଛି।

*Nabarangpur*

## ଅଭିଯୋଗ ଶୁଣାଣି

ନବରଙ୍ଗପୁର ଜିଲ୍ଲା ପୌରପାଳିକାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୬୫ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶୁଣାଣିବେଳେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡାଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

*Puri/CTC*

## ହରିହର ବେଶ

କାର୍ତ୍ତିକମାସ ଶୁକ୍ଳପକ୍ଷ ତୃତୀୟ ସୋମବାର ଅବସରରେ ଆଜି ରାଜ୍ୟର ଶୈବପୀଠ ଗୁଡ଼ିକରେ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଛି। ଆଠଗଡ଼ର ବାବା ଧବଳେଶ୍ୱରଙ୍କ ପୀଠରେ ଆଜି ନୀତିକାନ୍ତି ସ୍ୱରୂପ ଭୋର୍ ୪ଟାରୁ ମନ୍ଦିରର ପହଡ଼ ଖୋଲାଯାଇ ୧୦୮ ସୁବାସିତ ଜଳରେ ଠାକୁରଙ୍କୁ ସ୍ନାନ କରାଯାଇଥିଲା।

ପୁରୀ ଶ୍ରୀମନ୍ଦିରରେ ପରମ୍ପରା ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆଜି ରାଧାଦାମୋଦର ବେଶରେ ସୁସଜ୍ଜିତ କରାଯାଇଛି। ବଡ଼ଠାକୁର

ବଳଭଦ୍ରଙ୍କୁ ହରିହର ବେଶରେ ସଜ୍ଜିତ କରାଯାଇଛି । ବଡ଼ଠାକୁରଙ୍କୁ ହର ବା ଶିବ ବିବେଚନା କରାଯାଉଥିବାର ତାଙ୍କୁ ଆଜି ଅର୍ଦ୍ଧେକ ଧଳା ଓ ଅର୍ଦ୍ଧେକ କଳା ବେଶରେ ସଜ୍ଜିତ କରାଯିବା ସହ ୩୨ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରାଯାଇଥିଲା । ଉଭୟ ଶିବ ଓ ବିଷ୍ଣୁଙ୍କ ମିଳିତ ଅଂଶସ୍ୱରୂପ ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ଆଜି ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ସୂଚନାଯୋଗ୍ୟ, କାର୍ତ୍ତିକ ମାସ ଅମାବାସ୍ୟ ପରଦିନଠାରୁ ପଞ୍ଚୁକ ଆରମ୍ଭର ଏକାଦଶୀ ତିଥି ମଧ୍ୟରେ ପଡୁଥିବା ସୋମବାର ଦିବସରେ ବଡ଼ଠାକୁରଙ୍କର ଏହି ଦୁର୍ଲଭ ହରିହର ବେଶ ଅନୁଷ୍ଠିତ ହୋଇଥାଏ ।

***Puri***

# ମେଘନାଦ ପାଚେରୀ ମରାମତି

ପୁରୀ ଶ୍ରୀମନ୍ଦିରର ବହୁ ପ୍ରାଚୀନ କୀର୍ତ୍ତିରାଜି ମେଘନାଦ ପଚେରୀର ସୁରକ୍ଷା ପାଇଁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖାଯାଇଛି । ପାଚେରୀରୁ ପାଣି ଝରିବା ବନ୍ଦ ନେଇ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରାଯାଇଛି । ଆନନ୍ଦ ବଜାରରେ ହାତଧୁଆ ପାଣି ସହ ସେଠାରେ ବ୍ୟବହୃତ ପାଣିପାଇପ୍‌କୁ ଶୀଘ୍ର ମରାମତି କରିବାକୁ ଏଏସ୍‌ଆଇ ପକ୍ଷରୁ କୁହାଯାଇଛି ।

***BHK***

## ଜଗଦ୍ଧାତ୍ରୀ ବେଶ

ଭଦ୍ରକ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ଆଜି ଶ୍ରଦ୍ଧାଳୁଙ୍କୁ ଜଗଦ୍ଧାତ୍ରୀ ବେଶରେ ଦର୍ଶନ ଦେଉଛନ୍ତି । ଜିଲ୍ଲାର ଚରମ୍ପା, ଏରେଇ ଆଦି ସ୍ଥାନରେ କାଳୀ ମେଢ଼ ଦେଖିବା ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି ।

***Desk***

## ଇଣ୍ଡିଆନ ସୁପରଲିଗ୍

ଇଣ୍ଡିଆନ ସୁପରଲିଗ୍ର ଏକାଦଶ ସଂସ୍କରଣରେ ଗତକାଲି ଅନୁଷ୍ଠିତ ମ୍ୟାଚ୍ରେ ଓଡ଼ିଶା ଏଫ୍ସି' ଘରୋଇ ନର୍ଥଇଷ୍ଟ ୟୁନାଇଟେଡ୍ ଠାରୁ ୨-୩ ଗୋଲ୍ରେ ପରାସ୍ତ ହୋଇଛି । ନର୍ଥ ଇଷ୍ଟ ଦଳ ପକ୍ଷରୁ ଆଲା ଏଡିନ୍ ଆଜାରାଇ ଦୁଇଟି ଗୋଲ୍ କରି ଦଳକୁ ବିଜୟୀ କରିଥିଲେ । ଓଡ଼ିଶା ପକ୍ଷରୁ ହୁଗୋ ଏବଂ ଷ୍ଟ୍ରାଇକର ଡିଏଗୋ ମୋରିସିଓ ବିପକ୍ଷ ଦଳକୁ ଗୋଲ୍ ଦେଇ ଉଭୟ ଦଳ ମଧ୍ୟରେ ଗୋଲ୍ ବ୍ୟବଧାନକୁ ହ୍ରାସ କରିଥିଲେ ମଧ୍ୟ ପରିଶେଷରେ ନର୍ଥଇଷ୍ଟ ଦଳ ୨-୩ ଗୋଲ୍ରେ ଅଗ୍ରଣୀ ହୋଇ ବିଜୟ ହାସଲ କରିଥିଲା ।

***Desk***

# ଯୋଶୀ-ଆଇଏସ୍ଏ

୨୦୩୦ ମସିହା ସୁଦ୍ଧା ଭାରତ ୫ଶହ ଗିଗାୱାଟ୍ ଶକ୍ତି କ୍ଷମତା ହାସଲ କରିବା ଲକ୍ଷ୍ୟରେ ଏପର୍ଯ୍ୟନ୍ତ ୯୦ ଗିଗାୱାଟ୍ ସୌର କ୍ଷମତା ସ୍ଥାପନ କରିଛି

ବୋଲି ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଆନ୍ତର୍ଜାତିକ ସୌର ମେଣ୍ଟର ସପ୍ତମ ଅଧିବେଶନକୁ ଉଦ୍‌ଘାଟନ କରି ଶ୍ରୀ ଯୋଶୀ ଏହା କହିଛନ୍ତି । ସେ କହିଛନ୍ତି ସରକାର ୩୭ ଦଶମିକ ୫ ଗିଗାୱାଟ୍ ବିଶିଷ୍ଟ ନବୀକରଣୀୟ କ୍ଷମତାସଂପନ୍ନ ୫୦ଟି ସୌର ପାର୍କ ସ୍ଥାପନ ପାଇଁ ଅନୁମତି ପ୍ରଦାନ କରିଛନ୍ତି ।  ଚଳିତବର୍ଷ ବିଶ୍ୱ ସୌର କ୍ଷେତ୍ରରେ ୨ ଟେରାୱାଇଟ୍ ଲକ୍ଷ୍ୟ ପୂରଣ ସମ୍ଭାବନା ରହିଥିବା ସେ କହିଛନ୍ତି ।

***Desk***

# ପାଣିପାଗ

ଦକ୍ଷିଣ-ପୂର୍ବ ବଙ୍ଗୋପ ସାଗରରେ ଆସନ୍ତା କାଲି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇପାରେ । ଆଜି ପାଗ ପ୍ରାୟ ଶୁଖିଲା ରହିବ । ଗଞ୍ଜାମ ଏବଂ ପୁରୀ ଜିଲ୍ଲାରେ ଆସନ୍ତାକାଲି ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।

***Desk***

## ତାପମାତ୍ରା

ଚଳିତ ବର୍ଷ ଅକ୍ଟୋବର ମାସ ଦେଶର ସବୁଠାରୁ ଉତ୍ତପ୍ତ ମାସ ଥିଲା । ଗତ ଅକ୍ଟୋବର ମାସରେ ହାରାହାରି ତାପମାତ୍ରା ୨୬ ଦଶମିକ ୯ ଡିଗ୍ରୀ

ସେଲସିୟସ ଥିଲା। ଯାହା ଅକ୍ଟୋବର ମାସର ସ୍ୱଭାବିକ ହାରାହାରି ତାପମାତ୍ରାଠାରୁ ୧ ଦଶମିକ ୨/୩ ଡିଗ୍ରୀ ସେଲସିୟସ ଅଧିକ ଥିଲା। ପାଣିପାଗ ବିଭାଗର ସୂଚନା ଅନୁସାରେ ୧୨୩ ବର୍ଷ ମଧ୍ୟରେ ୧୯୦୧ ମସିହା ପରଠାରୁ ଚଳିତ ବର୍ଷ ଅକ୍ଟୋବର ମାସ ସବୁଠାରୁ ଉତ୍ତପ୍ତ ମାସ ଥିଲା। ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁସାରେ, ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ ଯୋଗୁଁ ପଶ୍ଚିମଭାଗରେ ଶୀତଳତା ନଥିବା ଏବଂ ପୂର୍ବ ଦିଗରୁ ଏବଂ ପୂର୍ବ ଦିଗରୁ ପ୍ରଭାବିତ ପବନ ଅସ୍ୱାଭାବିକ ଉପସ୍ଥିତି ଯୋଗୁଁ ଗତମାସ ଅଧିକ ଉତ୍ତପ୍ତ ଥିଲା। କମ୍ ତାପମାତ୍ରା ପାଇଁ ଉତ୍ତର-ପଶ୍ଚିମ ବାୟୁର ଆବଶ୍ୟକତା ରହିଥାଏ। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଉତ୍ତର-ପଶ୍ଚିମ ସମତଳ ଅଞ୍ଚଳର ଉତ୍ତାପ ହାରାହାରିଠାରୁ ୨ ଦଶମିକ ୫ ଡିଗ୍ରୀ ଅଧିକ ରହିବାର ଅନୁମାନ କରାଯାଉଛି। ଚଳିତ ନଭେମ୍ବର ମାସରେ ମଧ୍ୟ ଦେଶର ହାରାହାରି ଉତ୍ତାପ ସାମାନ୍ୟ ଅଧିକା ରହିବ ଏବଂ ଜାନୁଆରୀ ଓ ଫେବୃୟାରୀ ମାସରେ ଶୀତର ଅଧିକ ପ୍ରଭାବ ରହିବାର ଅନୁମାନ କରାଯାଇଛି।